ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ପୁରୀ
ଘା/ପୋ/ଜିଲ୍ଲା : ପୁରୀ, ଓଡ଼ିଶା, ୭୫୨୦୦୧
ଦୂରଭାଷ : ୦୬୭୫୨ - ୨୨୪୦୫୮

DISTRICT EDUCATION OFFICE, PURI
AT/PO/DIST- PURI (ODISHA), 752001
TEL: 06752-224058

e-mail: deopuri26@gmail.com

ପତ୍ର ସଂଖ୍ୟା : ୫୨୨୪ ତାରିଖ : ୨୪/୦୮/୨୦୨୪

ପ୍ରପ୍ରେଷୁ,

ପୁରୀ ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ/ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ / ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦ ।

ବିଷୟ : ପ୍ରାତଃ ପ୍ରାର୍ଥନାସଭା ନିମନ୍ତେ ନିର୍ଦ୍ଦେଶାବଳୀ

ମହାଶୟ / ମହାଶୟା,

ପ୍ରାତଃ ପ୍ରାର୍ଥନାସଭା ବିଦ୍ୟାଳୟରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ମଧ୍ୟରୁ ଏକ ଖୁବ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । କିଛି ବିଦ୍ୟାଳୟରେ ପ୍ରଧାନଶିକ୍ଷକ /ଶିକ୍ଷୟିତ୍ରୀଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମଟି ଖୁବ ସୁନ୍ଦର ଭାବେ କରାଯାଉଥବାବେଳେ ଅନ୍ୟ କିଛି ବିଦ୍ୟାଳୟରେ ଏହା ସଠିକ ଭାବେ ହେଉନାହିଁ । ଏଣୁ ପ୍ରାତଃ ପ୍ରାର୍ଥନାସଭା ନିମନ୍ତେ ନିମ୍ନ **ନିର୍ଦ୍ଦେଶାବଳୀ** ପ୍ରଦାନ କରାଗଲା ଯାହା ପୁରୀ ଜିଲ୍ଲା ଅନ୍ତର୍ଗତ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ ଆସନ୍ତା **ତା.୩୦.୦୮.୨୦୨୪** (ଶୁକ୍ରବାର) ଠାରୁ ସଠିକ ଭାବରେ ଅନୁପାଳନ କରାଯିବ ।

**ନିର୍ଦ୍ଦେଶାବଳୀ :-**

ପ୍ରତ୍ୟେକ ବିଦ୍ୟାଳୟରେ ପ୍ରତ୍ୟହ (ଶନିବାର ବ୍ୟତୀତ) ପ୍ରାର୍ଥନାସଭା ଦିବା **ଘ.୯.୫୫ ମି. ଠାରୁ ଘ.୧୦.୧୫ ମି.** ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଶନିବାର ଦିନ **ଘ. ୬.୨୫ ମି. ଠାରୁ ଘ. ୬.୪୫ ମି.** ଯାଏଁ ଏହା କାର୍ଯ୍ୟକାରୀ କରାଯିବ ଯେଉଁଥିରେ ବିଦ୍ୟାଳୟର **ପ୍ରଧାନଶିକ୍ଷକ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥାନ ବାଧ୍ୟତା ମୂଳକ ଅଟେ ।** କାର୍ଯ୍ୟକ୍ରମ ଗୁଡିକ ନିମ୍ନଲିଖିତ କ୍ରମରେ ପ୍ରାର୍ଥନାସଭାରେ ଅନୁଷ୍ଠିତ ହେବ ।

**୧. ସମୂହ ପ୍ରାର୍ଥନା ଗାନ**

**୨. ଶପଥ ପାଠ**

ସୋମବାର ଠାରୁ ବୁଧବାର ଓଡ଼ିଆ ଭାଷାରେ, ଗୁରୁବାର ଓ ଶୁକ୍ରବାର ଇଂରାଜୀ ଭାଷାରେ ଏବଂ ଶନିବାର ଦିନ ହିନ୍ଦୀ ଭାଷାରେ ପଠନ କରାଯିବ ( ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ କେବଳ ଓଡ଼ିଆ ଓ ଇଂରାଜୀ ଭାଷାରେ କରାଯାଇ ପାରେ )

**୩. ସୁବିଚାର ( ଅନୁଚିନ୍ତା )**

କୌଣସି ଏକ ନୀତିଶିକ୍ଷାକୁ କହିବା ସହ ତାହାର ଅର୍ଥକୁ ଦୁଇ କିମ୍ବା ତିନୋଟି ବାକ୍ୟରେ ବର୍ଣ୍ଣନା କରାଯିବ ।

**୪. ସମାଚାର**

ପୂର୍ବ ଦିନର ଖବରକାଗଜରୁ ସକାରାତ୍ମକ ଓ ସାଧାରଣ ଜ୍ଞାନ ବୃଦ୍ଧି କରୁଥିବା ଖବରକୁ ପ୍ରାତଃ ପ୍ରାର୍ଥନାସଭା ବିବରଣୀ ଖାତାରେ ଲିପିବଦ୍ଧ କରି ପରଦିନ ପ୍ରାର୍ଥନାସଭାରେ ପଠନ କରାଯିବ । ଏଥିରେ ଗୋଟିଏ ସ୍ଥାନୀୟ, ଗୋଟିଏ ରାଜ୍ୟ, ଗୋଟିଏ ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ ଓ କ୍ରୀଡା ସମ୍ବନ୍ଧୀୟ ଗୋଟିଏ ଖବର ପୁରା ବାକ୍ୟରେ ପଠନ କରାଯିବ ।

**୫. କୁଇଜ୍ କାର୍ଯ୍ୟକ୍ରମ /ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ:**

ପ୍ରତ୍ୟେକ ଶ୍ରେଣୀ ପାଇଁ ଗୋଟିଏ ଲେଖାଏଁ ପ୍ରଶ୍ନ ପଚରାଯିବ ଏବଂ ତାର ଉତ୍ତର ପୂର୍ଣ୍ଣ ବାକ୍ୟରେ କୁହାଯିବ ।

**୬. ଜାତୀୟ ସଂଗୀତ**

ପ୍ରାର୍ଥନାସଭାରେ ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମୂହ ଜାତୀୟ ସଂଗୀତ ଗାନ କରାଯିବ ଏବଂ ସଭାସାଙ୍ଗ ହେବ । ଜଣେ ଛାତ୍ର /ଛାତ୍ରୀଙ୍କୁ ପ୍ରାର୍ଥନାସଭାର ପରିଚାଳନା ସମୟରେ ଆଦେଶ ଦେବାର ଦାୟିତ୍ୱ ଦିଆଯିବ ଯିଏ କ୍ରମାନ୍ୱୟରେ କାର୍ଯ୍ୟକ୍ରମ ଗୁଡିକ ଉପରବର୍ଣ୍ଣିତ କ୍ରମରେ ପରିଚାଳନା କରିବେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦିଗଦର୍ଶନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ହିଁ ଉପସ୍ଥାପନ କରାଯିବ । ଛାତ୍ରୀମାନଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବାପାଇଁ ଗୋଟିଏ ସପ୍ତାହ ପ୍ରାର୍ଥନାସଭା ଛାତ୍ରମାନଙ୍କ ଦ୍ୱାରା ଉପସ୍ଥାପନ କରାଗଲେ ପରବର୍ତ୍ତୀ ସପ୍ତାହଟି ଛାତ୍ରୀମାନଙ୍କ ଦ୍ୱାରା ଉପସ୍ଥାପନ କରାଯିବ । ଏହିପରି ପ୍ରତ୍ୟେକ ଶ୍ରେଣୀକୁ ପ୍ରାର୍ଥନାସଭା ଉପସ୍ଥାପନର ସୁଯୋଗ ଦିଆଯିବ । ପ୍ରାତଃ ପ୍ରାର୍ଥନାସଭାର ସମସ୍ତ କାର୍ଯ୍ୟକ୍ରମ ଡାକବାଜି ଯନ୍ତ୍ର ମାଧ୍ୟମରେ କରିବାପାଇଁ ଚେଷ୍ଟା କରାଯିବ । ପ୍ରତ୍ୟେକ ବିଦ୍ୟାଳୟରେ ଏକ ପ୍ରାତଃ ପ୍ରାର୍ଥନାସଭା ବିବରଣୀ ଖାତା ଉପଲବ୍ଧ ରହିବ ଯେଉଁଥିରେ ପ୍ରତ୍ୟେକ ଦିନର ସୁବିଚାର, ସମାଚାର ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଲିପିବଦ୍ଧ କରାଯିବ । ପ୍ରାତଃ ପ୍ରାର୍ଥନାସଭାର ସୁପରିଚାଳନା ନିମନ୍ତେ ପ୍ରଧାନଶିକ୍ଷକ / ପ୍ରଧାନଶିକ୍ଷୟିତ୍ରୀ ସେହି ବିଦ୍ୟାଳୟର ୧ କିମ୍ବା ୨ ଜଣ ଶିକ୍ଷକ /ଶିକ୍ଷୟିତ୍ରୀଙ୍କୁ (ଅଗ୍ରାଧିକାର ଭିତ୍ତିରେ କଳା ଶିକ୍ଷକଙ୍କୁ) କାର୍ଯ୍ୟାଳୟ ଆଦେଶନାମା ମାଧ୍ୟମରେ ଦାୟିତ୍ୱ ଅର୍ପଣ କରିବେ ।

ବିଦ୍ୟାଳୟ ଛୁଟିବେଳକୁ ରାଜ୍ୟ ସଂଗୀତ **'ବନ୍ଦେ ଉତ୍କଳ ଜନନୀ'** ସମୂହ ଗାନ କରଯିବା ପରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିତ୍ୟାଗ କରିବେ । ବିଦ୍ୟାଳୟ ପରିଦର୍ଶନ କରୁଥିବା ବିଭିନ୍ନ ପଦାଧିକାରୀ ବିଦ୍ୟାଳୟ ପରିଦର୍ଶନ ସମୟରେ ଏହି ପ୍ରାତଃ ପ୍ରାର୍ଥନାସଭା ବିବରଣୀ ଖାତାକୁ ଅଗ୍ରାଧିକାର ଭିତ୍ତିରେ ଯାଞ୍ଚ କରିବେ ।

ଇତି

ଆପଣଙ୍କର ବିଶ୍ୱସ୍ତ ।

ଦୀପକ କୁମାର ପାଢ଼ୀ ୨୬/୮/୨୪

ଜିଲ୍ଲା ଶିକ୍ଷାଧିକାରୀ, ପୁରୀ

ଜ୍ଞାପକ ସଂଖ୍ୟା ୫୨୨୬ /ତାରିଖ : ୨୬/୦୮/୨୦୨୪//

ଏହାର ଏକକିତା ନକଲ ସମସ୍ତ ମଣ୍ଡଳ ଶିକ୍ଷାଧିକାରୀ, ପୁରୀ ଜିଲ୍ଲାଙ୍କ ଅବଗତି ତଥା ଏହାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରେରଣ କରାଗଲା ।

ଦୀପକ କୁମାର ପାଢ଼ୀ ୨୬/୮/୨୪

ଜିଲ୍ଲା ଶିକ୍ଷାଧିକାରୀ, ପୁରୀ

ଜ୍ଞାପକ ସଂଖ୍ୟା ୫୨୨୭ /ତାରିଖ : ୨୬/୦୮/୨୦୨୪//

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀଙ୍କ ସୁଦୟା ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଦୀପକ କୁମାର ପାଢ଼ୀ ୨୬/୮/୨୪

ଜିଲ୍ଲା ଶିକ୍ଷାଧିକାରୀ, ପୁରୀ